# ଗରିବଙ୍କ ସହାୟତା ପାଇଁ ସି ଏସ୍ ଘୋଷ, ଏଫ୍ଆଇଟି, ଏନ୍ଇଏଫ୍ଆଇଟିର ୫୦ କୋଟି ଟଙ୍କାର ପ୍ରତିବଦ୍ଧତା

।।ପ୍ରଭାନ୍ୟୁଜ।। ଭୁବନେଶ୍ୱର, ୬।୭ : ଲଘୁ ଋଣ ଜରିଆରେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପକୁ ନେଇ ଉପେକ୍ଷିତ ବର୍ଗର ମହିଳାଙ୍କୁ ସାହାଯ୍ୟ କରି ମହିଳା ସଶକ୍ତୀକରଣ ଓ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ନେଇ ଏକ ଏନ୍‌ଜିଓ ଭାବେ ବନ୍ଧନକୁ ଆରମ୍ଭ କରିଥିଲେ ଚନ୍ଦ୍ରଶେଖର ଘୋଷ। ସମୟ ଗଡ଼ିବା ସହିତ ଏହି ଏନ୍‌ଜିଓ ଏହାର ପରିଚାଳନାକୁ ବହୁ ଗୁଣ ବଢ଼ାଇବା ସହିତ ବନ୍ଧନ ବ୍ୟତୀତ ଉପେକ୍ଷିତ ବର୍ଗଙ୍କ ପାଇଁ ବିକାଶମୂଳକ କାର୍ଯ୍ୟକ୍ରମ ଚାଲୁ ରଖିବା ଲାଗି ଦୁଇଟି ଟ୍ରଷ୍ଟ-ଫାଇନାନ୍ସିଆଲ ଇନକ୍ଲୁଜନ ଟ୍ରଷ୍ଟ (ଏଫ୍ଆଇଟି) ଓ ନର୍ଥ ଇଷ୍ଟ ଫାଇନାନ୍ସିଆଲ ଇନକ୍ଲୁଜନ ଟ୍ରଷ୍ଟ (ଏନଇଏଫ୍ଆଇଟି) ସ୍ଥାପନ କରିଛି। ୨୦୧୫ରେ ବନ୍ଧନ ବ୍ୟାଙ୍କ ଗଠନ ବେଳେ ଏଫଆଇଟି ଓ ଏନଇଏଫ୍ଆଇଟି ବ୍ୟାଙ୍କର ପ୍ରମୋଟର ଭୂମିକା ନିର୍ବାହ କରିଥିଲେ।ଦେଶ ଏବେ ଅଭାବନୀୟ ସମୟ ଦେଇ ଗତି କରୁଛି ଓ ଅନେକ ଲୋକ ଏହି ମହାମାରୀ ଓ ଏହାର ପ୍ରଭାବ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସି ଏସ୍ ଘୋଷ ନିଜର ବ୍ୟକ୍ତିଗତ କ୍ଷମତାକୁ ନେଇ ଏବଂ ଏଫ୍ଆଇଟି ଓ ଏନଇଏଫ୍ଆଇଟି ସହ ମିଶି ଉପେକ୍ଷିତ ବର୍ଗଙ୍କ ଖାଦ୍ୟ ଆବଶ୍ୟକତା ପ୍ରତି ସହାୟତା ଦେବା ଲାଗି ଆଗେଇ ଆସିଛନ୍ତି। ଏହି କାରଣ ପାଇଁ ଏହି ତିନି ଜଣ ବିଭିନ୍ନ ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କାର ସହାୟତା ଦେଇଛନ୍ତି। ଅନ୍ୟ ୨୫,୦୧,୦୦,୦୦୧ ଟଙ୍କା ପିଏମ୍-କେୟାରସ୍ ଫଣ୍ଡକୁ ଦିଆଯାଇଛି। ପ୍ରତି ପରିବାରର ୧୫ ଦିନର ଖାଦ୍ୟ ଆବଶ୍ୟକତା ପୂରଣ କରିବା ଲାଗି ୧୦୦୦ ଟଙ୍କା ହିସାବରେ ଦେଶର ୫ ଲକ୍ଷରୁ ଅଧିକ ପରିବାରକୁ ସେବା ଯୋଗାଇବା ଲାଗି ଏହି ୫୦,୦୧,୦୦,୦୦୦ ଟଙ୍କାର ସହାୟତା ଦିଆଯାଇଛି।